# NATIONAL NEWS BULLETIN (ODIA)

## 12 July - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦକ୍ଷିଣ ରାଜ୍ୟଗୁଡ଼ିକର ବିକାଶ ଦ୍ୱାରା ହିଁ ବିକଶିତ ଭାରତ ଦୃଷ୍ଟିକୋଣ ବାସ୍ତବତାରେ ପରିଣତ ହୋଇପାରିବ, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ସଙ୍କୋଚତା ପାଇଁ ମାର୍ଗ ଉନ୍ମୁକ୍ତ ରଖିବାକୁ ଆଇନ୍ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ ପ୍ରଧାନ ବିଚାରପତି ।
- ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣାର ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ପରେ ହିଁ କୌଣସି ନିଷ୍କର୍ଷରେ ପହଞ୍ଚି ହେବ, କହିଲେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ।
- ଆଚାର୍ଯ୍ୟ ଶୁଶ୍ରୁତଙ୍କ ଜୟନ୍ତୀ ଅବସରରେ ନୂଆଦିଲ୍ଲୀ ଠାରେ ଆସନ୍ତାକାଲି ଆରମ୍ଭ ହେବ ଜାତୀୟ ସମ୍ମିଳନୀ ଶଲ୍ୟକନ୍ ୨୦୨୫ ।

ଏବଂ

- ଲଡସ୍ ଟେଷ୍ଟରେ ଭାରତର ପ୍ରଥମ ଇନିଂସ ବ୍ୟାଟିଂ ଜାରି ।

# ଅମିତ ଶାହା-କେରଳ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଦୃଷ୍ଟିକୋଣ ଦକ୍ଷିଣ ରାଜ୍ୟଗୁଡ଼ିକର ବିକାଶ ଦ୍ୱାରା ହିଁ ବାସ୍ତବତାରେ ପରିଣତ ହୋଇପାରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ବିକଶିତ କେରଳମ୍ ହେଉଛି, ବିକଶିତ ଭାରତର ଏକ ଅବିଚ୍ଛେଦ୍ୟ ଅଂଶ । ଥିରୁବନନ୍ତପୁରମ୍‌ର ପୁଥାରିକଣ୍ଡମ୍ ପଡ଼ିଆରେ ଦଳୀୟ ୱାର୍ଡ ସ୍ତରୀୟ ନେତୃତ୍ୱ ବୈଠକରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି । ଦୁର୍ନୀତିମୁକ୍ତ ଶାସନ, ସରକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଏବଂ ରାଜନୈତିକ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱକୁ ଉଠି ଦେଶର ବିକାଶ ପାଇଁ କାର୍ଯ୍ୟ କରିବା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ତିନୋଟି ମୁଖ୍ୟ ଦୃଷ୍ଟିକୋଣ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ଅପରେସନ ସିନ୍ଦୂର ଏବଂ ସର୍ଜିକାଲ୍ ଷ୍ଟ୍ରାଇକ୍ ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପର ଦୃଢ଼ ମୁକାବିଲା କରାଯାଇପାରିଛି । ଜାତୀୟ ସୁରକ୍ଷା ପ୍ରତି କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ସେ ଏହି ଅବସରରେ ଦୋହରାଇଥିଲେ ।

**V/O- AMIT-SHAH-THREE-RULE-FINAL**

# ହାଇଦ୍ରାବାଦ୍-ଏସ୍‌ସି-ସିଜେଆଇ

ଭାରତୀୟ ଆଇନ୍ ବ୍ୟବସ୍ଥା ବହୁ ଆହ୍ୱାନର ସମ୍ମୁଖୀନ ହେଉଛି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ କହିଛନ୍ତି । ହାଇଦ୍ରାବାଦ୍‌ର ନାଲ୍‌ସାର୍ ଆଇନ୍ ବିଶ୍ୱବିଦ୍ୟାଳୟରେ ୨୨ତମ ସମାବର୍ତ୍ତନ ଉତ୍ସବରେ ଆଜି ଯୋଗଦେଇ ଜଷ୍ଟିସ୍ ଗଭାଇ କହିଛନ୍ତି, ଏହି ଆହ୍ୱାନ ଗୁଡ଼ିକର ସମାଧାନର ଆବଶ୍ୟକତା ଜରୁରୀ । ତେବେ ଏହି ପରିସ୍ଥିତିକୁ ନାଗରୀକମାନେ ସମ୍ମୁଖୀନ ହୋଇପାରିବେ । ଦେଶର ଆଇନ୍ ବ୍ୟବସ୍ଥାରେ ବିଳମ୍ବିତ ନ୍ୟାୟ ଉପରେ ଆଲୋକପାତ କରି ଜଷ୍ଟିସ୍ ଗଭାଇ କହିଛନ୍ତି, କେତେକ ନିର୍ଦ୍ଦିଷ୍ଟ ମାମଲାରେ ବିଚାରଧୀନ ଭାବେ ଜେଲ୍‌ରେ ରହିଥିବା ସନ୍ଦିଗ୍ଧ ଅଭିଯୁକ୍ତ ପରେ ନିର୍ଦ୍ଦୋଶରେ ମଧ୍ୟ ଖଲାସ ହୋଇଛନ୍ତି ।

ଆଇନ୍ ବିଶ୍ୱବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜଷ୍ଟିସ୍ ଗଭାଇ କହିଛନ୍ତି, କ୍ଷମତା ପାଇଁ ନୁହେଁ ବରଂ ସଚ୍ଚୋଟତା ପାଇଁ ମାର୍ଗ ଉନ୍ମୁକ୍ତ ରଖିବାକୁ ପଡ଼ିବ । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ, ସୁପ୍ରିମ୍‌କୋର୍ଟର ଅନ୍ୟତମ ବିଚାରପତି ପି.ଏସ୍. ନରସିହ୍ମା ଏବଂ ତେଲଙ୍ଗାନା ହାଇକୋର୍ଟ୍‌ର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁଜୋୟ ପଲ୍ ଯୋଗଦେଇଥିଲେ ।

# ପ୍ରିଲିମିନାରୀ ରିପୋର୍ଟ୍

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି, ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ ରିପୋର୍ଟ୍ ପ୍ରାରମ୍ଭିକ ତଥ୍ୟ ଉପରେ ପର୍ଯ୍ୟବେସିତ । ଚୂଡ଼ାନ୍ତ ରିପୋର୍ଟ୍ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ କୌଣସି ନିଷ୍କର୍ଷରେ ନ ପହଞ୍ଚିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ବିଭାଗୀୟ ରାଷ୍ଟ୍ର ମନ୍ତ୍ରୀ ମୁରଲୀଧର ମାହୋଲ କହିଛନ୍ତି, ଏହି ଦୁର୍ଘଟଣା ନେଇ ଏ.ଏ.ଆଇ.ବି. ଏହାର ପ୍ରାଥମିକ ତଦନ୍ତ ରିପୋର୍ଟ ପ୍ରଦାନ କରିଛି । ତେବେ ୧୫ ପୃଷ୍ଠାର ଏହି ରିପୋର୍ଟ ଆଧାରରେ କୌଣସି ନିଷ୍କର୍ଷରେ ପହଞ୍ଚିବା ଉଚିତ୍ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଏହି ଦୁର୍ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟ ଗତ ସନ୍ଧ୍ୟାରେ ସାର୍ବଜନୀନ କରାଯାଇଛି । ଗତ ମାସ ୧୨ ତାରିଖରେ ଅହମ୍ମଦାବାଦ ଠାରେ ଏହି ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କର ମୃତ୍ୟୁ ହୋଇଥିଲା । ରିପୋର୍ଟ ଅନୁଯାୟୀ ବିମାନ ଉଡ଼ାଣ ଆରମ୍ଭ କରିବାର କିଛି ସେକେଣ୍ଡ ମଧ୍ୟରେ ଇନ୍ଧନ ନିୟନ୍ତ୍ରଣ ବ୍ୟବସ୍ଥା ବନ୍ଦ ହୋଇଯିବାରୁ ଏଭଳି ଦୁର୍ଘଟଣା ଘଟିଛି । ଇନ୍ଧନ ନିୟନ୍ତ୍ରଣ କରୁଥିବା ବ୍ୟବସ୍ଥା ପୁନଃ ସ୍ଥାପିତ ହୋଇଥିଲେ ମଧ୍ୟ ଗୋଟିଏ ଇଞ୍ଜିନ୍ କାର୍ଯ୍ୟକ୍ଷମ ହୋଇପାରି ନଥିଲା ।

## ଆଇଆଇଏମ୍-ଜୋକା

କୋଲକାତା ସ୍ଥିତ ଜୋକା ଠାରେ ଅବସ୍ଥିତ ଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ପ୍ରତିଷ୍ଠାନରେ ଗଣଦୁଷ୍କର୍ମର ଶିକାର ହୋଇ ଏକ ମହିଳାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ପରମାନନ୍ଦ ଟପା ଓ୍ୱେକର୍‌ଙ୍କୁ ଗିରଫ୍ କରିଛି । ଅଭିଯୁକ୍ତ ଛାତ୍ର ଜଣଙ୍କ କର୍ଣ୍ଣାଟକର ବୋଲି ଜଣାଯାଇଛି । ଅଦାଲତ ସମ୍ପୃକ୍ତ ଛାତ୍ରଙ୍କୁ ୧୯ ତାରିଖ ଯାଏଁ ରହିବାକୁ ନିର୍ଦ୍ଦେଶ ଦେଇଛି । ଇତ୍ୟବସରରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଏବଂ ଡୋନର୍ ଡକ୍ଟର ସୁକାନ୍ତ ମଜୁମ୍‌ଦାର ଆଇ.ଆଇ.ଏମ୍. ଜୋକାର ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଏଆଇଆଇଏ-ସେମିନାର

ଭାରତର ଶଲ୍ୟ ଚିକିତ୍ସାର ଜନକ ଆଚାର୍ଯ୍ୟ ଶୁଶ୍ରୁତଙ୍କ ଜୟନ୍ତୀ ପାଳନ ଅବସରରେ ଆସନ୍ତାକାଲି ଠାରୁ ନୂଆଦିଲ୍ଲୀରେ ତିନି ଦିନିଆ ଜାତୀୟ ସମ୍ମିଳନୀ ସାଲ୍ୟକନ୍ ୨୦୨୫ ଆରମ୍ଭ ହେବ । ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଶଲ୍ୟ ଚିକିତ୍ସା ସମ୍ପର୍କିତ ଆଲୋଚନା ବୈଠକମାନ ଅନୁଷ୍ଠିତ ହେବ । ଏପରିକି କେତେକ ଶଲ୍ୟ ଚିକିତ୍ସାର ସିଧାସଳଖ ପ୍ରସାରଣର ମଧ୍ୟ ବ୍ୟବସ୍ଥା ହୋଇଛି ।

ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏଭଳି କାର୍ଯ୍ୟକ୍ରମର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଅନ୍ତିମ ଦିବସରେ ୨୦୦ରୁ ଅଧିକ କ୍ଷୁଦ୍ର ଚଳଚ୍ଚିତ୍ର ଏବଂ ପୋଷ୍ଟର ଉପସ୍ଥାପନ କରାଯିବ । ନବସୃଜନ, ସମନ୍ୱୟ ଏବଂ ପ୍ରେରଣା ଉପରେ ଆଧାରିତ ଏହି ସମ୍ମିଳନୀ ପରମ୍ପରାଗତ ଚିକିତ୍ସା ଏବଂ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ପାଇଁ ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଦେଶ ଏବଂ ବିଦେଶରୁ ୫୦୦ରୁ ଅଧିକ ବିଶେଷଜ୍ଞ, ଶଲ୍ୟ ଚିକିତ୍ସକ, ଗବେଷକ ଏବଂ ଶିକ୍ଷାବିତ୍ ଅଂଶଗ୍ରହଣ କରିବେ । ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଭବିଷ୍ୟତର କାର୍ଯ୍ୟପନ୍ଥା ନେଇ ସେମାନଙ୍କ ମଧ୍ୟରେ ମତ ବିନିମୟ ହେବାର ସମ୍ଭାବନା ରହିଛି । ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଗଣପତ ରାଓ ଯାଦବ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଆନୁଷ୍ଠାନିକ ଉଦ୍‌ଘାଟନୀ ସମାରୋହରେ ଯୋଗଦେବେ ।

ସୂଚନା ଯୋଗ୍ୟ ପ୍ରତିବର୍ଷ ଜୁଲାଇ ମାସ ୧୫ ତାରିଖରେ ଆଚାର୍ଯ୍ୟ ଶୁଶ୍ରୁତଙ୍କ ଜୟନ୍ତୀ ପାଳନ କରାଯାଇଥାଏ ।

## ପ୍ରତାପ ରାଓ ଗୁଜରାଟ

ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ସମଗ୍ର ବିଶ୍ୱ ଏବେ ଆୟୁର୍ବେଦକୁ ଗ୍ରହଣ କରିଛି । ଗୁଜରାଟର ଜାମନଗର ସ୍ଥିତ ଆୟୁର୍ବେଦ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଆଇ.ଟି.ଆର୍.ଏ. ପ୍ରଥମ ସମାବର୍ତ୍ତନ

ଉତ୍ସବରେ ଯୋଗଦେଇ ଶ୍ରୀ ଯାଦବ ଏହା କହିଛନ୍ତି । ସେ କହିଛନ୍ତି, ସାରା ବିଶ୍ୱରେ ଭାରତର ପ୍ରାଚୀନ ଚିକିତ୍ସା ବ୍ୟବସ୍ଥାର ପ୍ରଚାର ଆଉ ପ୍ରସାର କରିବାରେ ଆଇ.ଟି.ଆର୍.ଏ.ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

**V/O-PRATAP-RAO-JADHAV**

ଏହି ସମାରୋହରେ ଛାତ୍ରଛାତ୍ରୀଙ୍କୁ ଶ୍ରୀ ଯାଦବ ଡିଗ୍ରୀ ପ୍ରଦାନ କରିଥିଲେ । ମନ୍ତ୍ରୀ ଶ୍ରୀ ଯାଦବ ପ୍ରତିଷ୍ଠାନର ବିଭିନ୍ନ ବିଭାଗକୁ ପରିଦର୍ଶନ କରିଥିଲେ ।

## ଛତିଶଗଡ଼-ମାଓଇଷ୍ଟ

ଛତିଶଗଡ଼ର ସୁଖମା ଜିଲ୍ଲା ପୁଲିସ୍ ଆଗରେ ଆଜି ୯ ଜଣ ମହିଳାଙ୍କ ସମେତ ୨୩ ଜଣ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି । ଜିଲ୍ଲାର ପୁଲିସ୍ ଆରକ୍ଷୀ ଅଧିକ୍ଷକ କିରଣ ଚୌହାନ କହିଛନ୍ତି, ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପୁରସ୍କାର ସ୍ୱରୂପ ୧ କୋଟି ୧୮ ଲକ୍ଷ ଟଙ୍କା ଦିଆଯିବାକୁ ଘୋଷଣା କରାଯାଇଛି । ସମ୍ପୃକ୍ତ ମାଓବାଦୀଙ୍କୁ ଚେକ୍ ଆକାରରେ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ ।

# ରୁଷ-ୟୁକ୍ରେନ୍ ଆଟାକ୍

ୟୁକ୍ରେନ୍ ଉପରେ ବଡ଼ ଧରଣର ରୁଷ ଆକାଶମାର୍ଗରୁ ଆଜି ଆକ୍ରମଣ କରିଛି । ରୁଷ ୬୦୦ ଡ୍ରୋନ୍ ବ୍ୟବହାର ମାଧ୍ୟମରେ ୨୬ଟି କ୍ଷେପଣାସ୍ତ୍ର ନିକ୍ଷେପ କରିଛି । ଚଳିତ ମାସର ଏହା ରୁଷ ତରଫରୁ ୟୁକ୍ରେନ୍ ଉପରେ ଚତୁର୍ଥ ବଡ଼ ଧରଣର ଆକ୍ରମଣ ବୋଲି ଜଣାଯାଇଛି । ରୁଷ ତରଫରୁ ୟୁକ୍ରେନ୍‌ର ପ୍ରମୁଖ ସହରକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା । ସେଗୁଡ଼ିକ ମଧ୍ୟରେ ଲୁଭିଭି, ଲୁଟ୍‌ସ୍କ୍ ଏବଂ ଚର୍ଣ୍ଣିଭେଟସି ସହର ରହିଛି । ଏଥିରେ ଦୁଇ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ରୋମାନ ସୀମାରେ ଥିବା ଚର୍ଣ୍ଣିଭେଟ୍‌ସିର ୨୦ ଜଣ ବ୍ୟକ୍ତି ଆହତ ହୋଇଥିବା ଜଣାଯାଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି ଏହି ଆକ୍ରମଣକୁ କଠୋର ନିନ୍ଦା କରିଛନ୍ତି । ଏହି ଆକ୍ରମଣ ଫଳରେ ସାଧାରଣ ଧନଜୀବନ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି । ୨୫ଟି କ୍ଷେପଣାସ୍ତ୍ର ଏବଂ ୩୧୯ଟି ଡ୍ରୋନ୍‌କୁ ଗୁଳିକରି ଖସାଇ ଦେଇଥିବା ୟୁକ୍ରେନ୍‌ର ବାୟୁସେନା ଦାବି କରିଛି । ଅନ୍ୟ ପକ୍ଷରେ ରୁଷିଆର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଗତକାଲି ୟୁକ୍ରେନ୍‌ର ୧୫୫ଟି ଡ୍ରୋନ୍‌କୁ ଖସାଇ ଦିଆଯାଇଛି ।

# ଡୋମିନିକାନ୍ ଡେଥସ୍

ଡୋମିନିକାନ୍ ଗଣରାଜ୍ୟର କାର୍ବିୟାନ୍ ସାଗର ଉପକୂଳରେ ଏକ ଡଙ୍ଗା ବୁଡ଼ି ହେବା ଫଳରେ ୪ ଜଣ ଲୋକଙ୍କର ମୃତ୍ୟୁ ହୋଇଛି ଏବଂ ୨୦ରୁ ଉର୍ଦ୍ଧ୍ୱ ଲୋକ ନିଖୋଜ ଥିବା ଜଣାଯାଇଛି । ଡୋମିନିକାନ୍ ବେସାମରିକ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଏହି ଦୁର୍ଘଟଣାରେ ୧୭ ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇପାରିଛି । ଏହି ଡଙ୍ଗାରେ ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପିର୍ଟୋରିକୋ ଅଭିମୁଖେ ଯାତ୍ରା କରୁଥିଲେ । ଡୋମିନିକା ଗଣରାଜ୍ୟର ନୌବାହିନୀ ସୂତ୍ରରୁ ଜଣାଯାଇଛି, ଏହି ଡଙ୍ଗାବୁଡ଼ି ଘଟଣାରେ ୧୦ ଜଣ ଡୋମିନିକା ଅଧିବାସୀ ଏବଂ ୭ ଜଣ ହାଇତି ଅଧିବାସୀଙ୍କୁ ଉଦ୍ଧାର କରାଯାଇଛି । ଗତ ଦଶନ୍ଧି ଧରି ଡୋମିନିକା ଗଣରାଜ୍ୟରୁ ପିର୍ଟୋରିକୋ ଅଭିମୁଖେ ବେଆଇନ୍ ଭାବେ ଦେଶାନ୍ତର ହେଉଥିବା ଲୋକମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବରେ ଲାଗିଛି ।

# ଟେଷ୍ଟ କ୍ରିକେଟ୍

ଲଡସ୍ ଟେଷ୍ଟରେ ଭାରତର ପ୍ରଥମ ଇନିଂସ ବ୍ୟାଟିଂ ଜାରି ରହିଛି । ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଏହି ତୃତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିବସର ଖେଳ ଆଜି ଭାରତ ଗତକାଲିର ସ୍କୋର ୩ ଓ୍ୱିକେଟ୍‌ରେ ୧୪୫ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିଲା । କେ.ଏଲ୍. ରାହୁଲ ଶହେ ରନ୍

କରିଥିବାବେଳେ ରିଷଭ ପନ୍ଥ ୭୪ରନ୍‌ର ପାଳି ଖେଳିଥିଲେ । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୫ ଓ୍ୱିକେଟ୍‌ରେ ୨୮୭ରନ୍ ସଂଗ୍ରହ କରିଥିଲା । ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ୩୮୭ ରହିଛି ।